# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**9 September - 2024**

**News Editor : *Itishree Sing Rathaur***

# କୃଷି ଯନ୍ତ୍ରପାତି ମେଳା

ରାଜ୍ୟରେ କୃଷି ଯନ୍ତ୍ରପାତିର ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରିବାକୁ ଚଳିତବର୍ଷ ୪ଟି ସ୍ଥାନରେ ଆଞ୍ଚଳିକ କୃଷିମେଳା ଅନୁଷ୍ଠିତ ହେବ । କେନ୍ଦୁଝର, ବଲାଙ୍ଗିର, ଜୟପୁର ଓ ବ୍ରହ୍ମପୁରରେ ଏହି ମେଳା ଅନୁଷ୍ଠିତ ହେବ । ଏହା ବ୍ୟତୀତ ୨୬ଟି ଜିଲ୍ଲାସ୍ତରୀୟ ଓ ୨୮ଟି ଉପଖଣ୍ଡସ୍ତରୀୟ ମେଳାର ଆୟୋଜନ କରାଯିବ । ଚଳିତ ଆର୍ଥିକବର୍ଷରେ ୮୪ ହଜାର ୪୦୭ଟି କୃଷି ଯନ୍ତ୍ରପାତି ଯୋଗାଣ ପାଇଁ ଚାଷୀମାନଙ୍କୁ ୩୯୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି ।  ସେ କହିଛନ୍ତି ରାଜ୍ୟରେ ମାଣ୍ଡିଆ, ଯଅ ଭଳି ବିଭିନ୍ନ କ୍ଷୁଦ୍ରଶସ୍ୟ ଚାଷକୁ ପ୍ରୋତ୍ସାହନ ଦିଆଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଶ୍ରୀ ସିଂହଦେଓ କହୁଛନ୍ତି ରାଜ୍ୟରେ ଡିଜିଟାଲ୍ ଫସଲ ସର୍ବେକ୍ଷଣ ଆସନ୍ତା ୧୫ ତାରିଖରେ ଶେଷ ହେବ । ଏହାଦ୍ୱାରା ଠିକ୍ ଭାବେ ଫସଲର କ୍ଷେତ୍ର ବା ଅଞ୍ଚଳ ଜଣାପଡ଼ିବା ସହିତ ଚାଷୀମାନଙ୍କୁ ଫସଲ ବାବଦରେ ବୈଜ୍ଞାନିକ ପରାମର୍ଶ ଓ ସୂଚନା ଦିଆଯାଇ ପାରିବ ।

## ସୁଭଦ୍ରା ଯୋଜନା-ସମୀକ୍ଷା

ସୁଭଦ୍ରା ଯୋଜନାର ଆବେଦନ ପ୍ରକ୍ରିୟାକୁ ଅଧିକ ସହଜ ଓ ସରଳ କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବିଭାଗୀୟ ଅଧିକକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଯୋଜନାର କାର୍ଯ୍ୟକାରିତା ନେଇ ଗତକାଲି ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟରରେ ଅନୁଷ୍ଠିତ ଆଭାସୀ ବୈଠକରେ ଶ୍ରୀ ଆହୁଜା ଆବେଦନକାରୀଙ୍କ ପାଖରେ ଶୀଘ୍ର ଫର୍ମ ପହଞ୍ଚାଇବା ନେଇ  ଗୁରୁତ୍ୱ ଦେବାକୁ ଜିଲ୍ଲାପାଳମାନଙ୍କୁ କହିଛନ୍ତି । ଏହି ଅବସରରେ ସେ ଆବେଦନ ପ୍ରକ୍ରିୟାରେ ସହଯୋଗ ନେଇ ଅଙ୍ଗନବାଡ଼ି କର୍ମୀଙ୍କ ପ୍ରଶଂସା କରିଥିଲେ ।

## ଯୁକ୍ତ ଦୁଇ ପାଠପଢ଼ା

ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ମାଗଣା କୋଚିଂ ପ୍ରଦାନ କରିବା ଲାଗି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶିକ୍ଷା ସହାୟତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଗୁଡ଼ିକରେ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ାଯିବ । ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ସ୍ମାର୍ଟ କ୍ଲାସ୍‌ରୁମ୍ ପ୍ରସ୍ତୁତ ରଖିବାକୁ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପତ୍ର ଲେଖାଯାଇଛି । ନିର୍ଦ୍ଦେଶାଳୟ ପକ୍ଷରୁ ବିଶେଷଜ୍ଞ ଚୟନ ଶେଷ ହେବା ପରେ ୧୨ ତାରିଖରୁ ଦିଗ୍‌ଦର୍ଶନ କ୍ଲାସ୍ ଆରମ୍ଭ ହେବ ଏବଂ ୧୭ ତାରିଖରୁ ପାଠ୍ୟକ୍ରମ ଅନୁଯାୟୀ ପାଠପଢ଼ା ହେବ । ପ୍ରତି

ସପ୍ତାହରେ ୪ ଦିନ ଅପରାହ୍ନ ୨ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ା ହେବ ।

## ବନ୍ଦେ ଭାରତ

ଟାଟାନଗର-ବ୍ରହ୍ମପୁର ମଧ୍ୟରେ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଗତକାଲି ପରୀକ୍ଷାମୂଳକ ଯାତ୍ରା ହୋଇଛି । ଗତକାଲି ଅପରାହ୍ନ ୨ଟା ୧୫ ମିନିଟ୍‌ରେ ବନ୍ଦେ ଭାରତ ଟ୍ରେନ୍ ବ୍ରହ୍ମପୁର ଷ୍ଟେସନ୍‌ରେ ପହଞ୍ଚିଥିଲା । ଏହି ଟ୍ରେନ୍‌ରେ ମୋଟ୍ ୮ଟି କୋଚ୍ ମଧ୍ୟରୁ ୭ଟି ଶୀତତାପ ନିୟନ୍ତ୍ରିତ ଚେୟାର କାର୍ ଓ ଗୋଟିଏ ବଗି ଆରାମଦାୟକ ଚେୟାର କାର ବର୍ଗର ରହିଛି । ଏଥିରେ ମୋଟ୍ ୫୬୦ଟି ସିଟ୍ ରହିଛି । ୪୫ ମିନିଟ୍ ରହଣି ପରେ ଅପରାହ୍ନ ୩ଟା ବେଳେ ଏହି ଟ୍ରେନ୍ ଟାଟାନଗର ଅଭିମୁଖେ ଯାତ୍ରା କରିଥିଲା । ଏହି ଟ୍ରେନ୍ ଚଳାଚଳ ଫଳରେ ବ୍ରହ୍ମପୁରକୁ ଦ୍ୱିତୀୟ ବନ୍ଦେ ଭାରତ ସେବା ମିଳିବ ।

## ସୋମନାଥ ବ୍ରତ

ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଆଜି ସୋମନାଥ ବ୍ରତ ଓ ଷଠୀଓଷା ପାଳନ କରାଯାଉଛି । ପିଲାମାନଙ୍କ ଦୀର୍ଘାୟୁ କାମନା କରି ମାଆମାନେ ଷଠୀ ଓଷାରେ ଷଠୀଦେବୀଙ୍କ ପୂଜା କରିବାର ପରମ୍ପରା ରହିଛି । ଏହି ପୂଜାରେ ମାଆଙ୍କ ପାଖରେ ୬ ପ୍ରକାରର ଭୋଗ ଲାଗି ହୋଇଥାଏ ।

# ପକ୍ଷୀ ଗଣନା

କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ଜାତୀୟ ଉଦ୍ୟାନରେ ଆଜିଠାରୁ ଦେଶୀୟ ପକ୍ଷୀଙ୍କ ଗଣନା ଆରମ୍ଭ ହେବ । ଡାଙ୍ଗମାଳ ରେଞ୍ଜ୍ ର ୩ଟି ଟିମ୍ ଓ ରାଜନଗର ରେଞ୍ଜ୍ ର ଗୋଟିଏ ଟିମ୍ ଦ୍ୱାରା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି ପକ୍ଷୀ ଗଣନା କରାଯିବ । ଗଣନା କାର୍ଯ୍ୟରେ ୨୦ ଜଣ ବନ କର୍ମଚାରୀ ପ୍ରତିଦିନ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଦେଶୀୟ ପକ୍ଷୀଙ୍କ ଗଣନା କରିବେ ।

# ଚେସ୍

ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାର ବାଳିକା ବର୍ଗରେ ନୈନିକା ସାହୁ ଚମ୍ପିୟାନ୍ ହୋଇଛନ୍ତି। ସେହିଭଳି ବାଳକ ବର୍ଗରେ ମନୀଷ ବିଜୟୀ ହୋଇଛନ୍ତି । ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଛି।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର ଓଡ଼ିଶା, ପଶ୍ଚିମବଙ୍ଗ ଉପକୂଳରେ ଗତିଶୀଳ ହୋଇ ଗଭୀର ଅବପାତରେ ପରିଣତ ହୋଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଏହାର ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ

ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତି ପ୍ରବଳ ବର୍ଷା ହେବା ନେଇ ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, କଟକ ଏବଂ ଢେଙ୍କାନାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୨୫ଟି ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

ଗଭୀର ଅବପାତର ପ୍ରଭାବରେ ରାଜ୍ୟରେ ଲଗାଣ ବର୍ଷାର ସମ୍ଭାବନା ଥିବାରୁ ଏ ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳର ଲୋକଙ୍କୁ ଉଚ୍ଚସ୍ଥାନକୁ ସ୍ଥାନାନ୍ତରଣ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ପ୍ରଭାବିତ ଅଞ୍ଚଳରେ ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ମୁତୟନ ପାଇଁ କୁହାଯାଇଛି ।